| | |
|---|---|
| **NEW PAPER:** | Sambad |
| **DATE:** | 14.08.2018 |
| **PAGE:** | 15 |

SAMBAD

ସମ୍ବାଦ

# ଏଏସ୍‌ବିଏମ୍ ର ୧୪ମ ପ୍ରତିଷ୍ଠା ଦିବସ ପାଳନ

ଭୁବନେଶ୍ୱର, ୧୩/୮ (ଇମିସ): ଚଳିତ ମାସ ୧୦ତାରିଖ ଶୁକ୍ରବାର ଦିନ ଏସିଆନ ସ୍କୁଲ ଅଫ୍ ବିଜ୍‌ନେସ୍ ମ୍ୟାନେଜମେଣ୍ଟ (ଏଏସ୍‌ବିଏମ୍)ର ୧୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଅଛି। ଏଥିରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନବଶାସ୍ତ୍ର, ମାନବର ବିକାଶ, ସମାଜ ଓ ସଂସ୍କୃତି ସଂପର୍କରେ ଆଲୋଚନା କରିଥିଲେ। ଏହା ସହ 'ଇଥୋନୋଗ୍ରାଫି ଆଣ୍ଡ ଦ କରପୋରେଟ୍ ଏନକାଉଣ୍ଟର୍' ସଂପର୍କରେ ମତ ରଖିଥିଲେ। ଏହି ଅବସରରେ ଏଏସ୍‌ବିଏମ୍‌ର ପ୍ରତିଷ୍ଠାତା ଏବଂ ନିର୍ଦ୍ଦେଶକ ପ୍ରଫେସର ବିଶ୍ୱଜିତ ପଟ୍ଟନାୟକ ଅତିଥିଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ଡିନ୍ କଲ୍ୟାଣ ଶଙ୍କର ରାୟ କାର୍ଯ୍ୟକ୍ରମର ଆରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀ ଏବଂ ଅଧ୍ୟାପକ ଅଧ୍ୟାପିକାମାନେ ଉପସ୍ଥିତ ଥିଲେ।